# ମାଧମ ଫାଉଣ୍ଡେସନ, ଭୁବନେଶ୍ୱର

**ପ୍ରକଳ୍ପ : ଅଭିନବ କୃଷି ପଦ୍ଧତି ଦ୍ୱାରା ଓଡ଼ିଶାର କନ୍ଧମାଳ ଜିଲ୍ଲାର ରାଇକିଆ ଓ ଜି.ଉଦୟଗିରି ବ୍ଲକର କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କର ଜୀବନ ଜୀବିକାର ସୁରକ୍ଷା**

**ସହାୟତା : ଏ.ପି.ଏଫ୍, ବେଙ୍ଗାଲୁରୁ**

**ପ୍ରକଳ୍ପ କାର୍ଯ୍ୟାଳୟ : ଜି.ଉଦୟଗିରି**



# ବାଇଗଣ, ବିଲାତି ବାଇଗଣ (ଟମାଟୋ), ଲଙ୍କା ଓ ଲତାଜାତୀୟ ଚାଷ ସମ୍ବନ୍ଧୀୟ କେତେକ ଉପାଦେୟ ବିଷୟ

## ବାଇଗଣ ଫସଲ

**ମାଟି** : ନିଗିଡ଼ା, ଦୋରସା, ପାଣି ଜମୁ ନ ଥିବା ଜାଗା

**ଅମ୍ଳତା** : ୫.୫ ରୁ ୬.୫ ଥିବା ମାଟିରେ ଅଧିକ ଅମ୍ଳ ମିଳିଥାଏ

**କିସମ** : ଉତ୍କଳ ଜ୍ୟୋତି, ରଶ୍ମୀ, ଉତ୍କଳଦୀପ୍ତି (ଓୟୁଏଟି), ଅବିନାଶ (ପତ୍ରମୋଚା ସହଣୀ)

**ବିହନ ପରିମାଣ** : ୨୦୦ ଗ୍ରାମ (ଏକର ପ୍ରତି)

**ବିହନ ବିଶୋଧନ** : ଗାଈ ପରିଶ୍ରା ଓ ଟ୍ରାଇକୋଡ଼ର୍ମାଭିରିଡ଼ି ।

**ତଳିପଟାଳି** : ୩ଫୁଟ ଚଉଡ଼ା ଓ ୧୦ ଫୁଟ ଲମ୍ବର ପଟି ତିଆରି କରନ୍ତୁ । ଦୁଇ ପଟି ମଧ୍ୟରେ ଯିବା ଆସିବା ପାଇଁ ପ୍ରାୟ ୨ଫୁଟ ଜାଗା ଛାଡ଼ନ୍ତୁ । ୧୦' X ୩' X ୧' ଛାଉଣି / ଛାଦନ ନିହାତି ଦରକାର । ମଞ୍ଜି ବୁଣି ସାରିବା ପରେ ତଳି ପଟିକୁ ଛଣ ବା ନଡ଼ା ଦ୍ୱାରା ପତଳା ଭାବରେ ଘୋଡ଼ାଇ ତା ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ ।



**ପଟାଳି ବିଶୋଧନ** : ହଳଦିଗୁଣ୍ଡ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ଦ୍ୱାରା କରନ୍ତୁ ।

**ପଟାଳିରେ ଖତସାର** : ଶୁଖିଲା ଗୁଣ୍ଡଖତ (ଅନ୍ୟୁନ ଏକ କେଜି) ଦିଅନ୍ତୁ ।

**ଲଗାଇବା ଦୂରତ୍ୱ** : ୨.୫ ଫୁଟ X ୨.୫ ଫୁଟ

**ମୁଖ୍ୟ କିଆରୀରେ ଖତସାର :** ୨ଟନ୍ କମ୍ପୋଷ୍ଟ, ୫୦ କେଜି ଜିଆଖତ, ୧ କେଜି ଆଜୋସ୍ପିରିଲିଅମ ଓ ପି.ଏସ୍.ବି (PSB : Plant Solubilizing Bacteria)



**ପୋକ ଘଉଡ଼ାଇବା ପଦ୍ଧତି :** (ଟ୍ରାପ୍ କ୍ରପ୍) ଗେଣ୍ଡୁଫୁଲ ପ୍ରତି ୪ ଧାଡ଼ିରେ ଗୋଟିଏ ଧାଡ଼ି ସହିତ ଚାରିପାଖରେ ମଧ୍ୟ ଲଗାନ୍ତୁ। ନିୟମିତ ବ୍ୟବଧାନରେ ହାଣ୍ଡିଔଷଧ ବ୍ୟବହାର କରନ୍ତୁ। ହଳଦିଆ ଓ ନୀଳ ରଙ୍ଗର ଅଠା ଯନ୍ତ୍ର ମଧ୍ୟ ବ୍ୟବହାର କରାଯାଇ ପୋକ ନିୟନ୍ତ୍ରଣ କରାଯାଇପାରିବ।

**ଜଳସେଚନ :** ବର୍ଷାଦିନେ ସାଧାରଣତଃ ପାଣି ଦରକାର ହୁଏ ନାହିଁ। କିନ୍ତୁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧୦ ରୁ ୧୨ ଦିନରେ ଥରେ ଲେଖାଏଁ ସନ୍ଧ୍ୟାରେ ପାଣି ଦେବା ଆବଶ୍ୟକ ହୋଇଥାଏ। ପାଣି ଅଭାବରେ ଫୁଲ ଝଡ଼ିଥାଏ ଓ ପତ୍ର ମଧ୍ୟ ହଳଦିଆ ପଡ଼ିଯାଏ। ଶୀତ ଓ ଖରାଦିନେ ମଧ୍ୟ ପ୍ରତି ସପ୍ତାହରେ ଥରେ ଲେଖାଏଁ ପାଣି ଦେବା ଆବଶ୍ୟକ ହୋଇଥାଏ।

**ଅମଳ :** ତଳି ରୁଆ ହେବାର ପ୍ରାୟ ୬୦ ଦିନ ପରେ ଗଛରେ ଫୁଲ ଫଳ ଧରିଥାଏ। ସାଧାରଣତଃ ଏକ ଏକରରୁ ୮୦ ରୁ ୧୦୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ବାଇଗଣ ମିଳିଥାଏ।

# ବିଲାତିବାଇଗଣ (ଟମାଟୋ) ଫସଲ

**ମାଟି :** ଦୋରସା ଉଚ୍ଚା ଓ ନିଗିଡ଼ା, ବାଲିଆ, ଦୋରସା ବା ପଟୁମାଟିରେ ବିଲାତିବାଇଗଣ ଭଲ ହୁଏ। ପାଣି ଜମି ରହୁଥିବା ଜମିରେ ବିଲାତି ବାଇଗଣ ଚାଷ କରିବା ଉଚିତ୍ ନୁହେଁ। ଛାଇ ଜାଗା ମାନଙ୍କରେ ବିଲାତି ବାଇଗଣ ଲଗାଇଲେ ଗଛ ଡେଙ୍ଗା ହୁଏ, କିନ୍ତୁ ଅମଳ ଭଲ ହୁଏ ନାହିଁ।

**ଅମ୍ଳତା :** ୬.୫ ରୁ ୭.୦ ଥିବା ମାଟିରେ ଅଧିକ ଅମଳ ମିଳିଥାଏ। (ପୂର୍ବରୁ ସେହି ଜମିରେ ବିଲାତିବାଇଗଣ (ଟମାଟୋ) ଫସଲ ହୋଇ ନଥିବ)

**କିସମ :** ମହାରଥୀ, ବ୍ଲୁ ଷ୍ଟାର, ଉତ୍କଳ ତାରିଣୀ, ଉତ୍କଳ କେଶରୀ, ଉତ୍କଳ ଉର୍ବଶୀ, ଉତ୍କଳ ରାଜା।

**ବିହନ ପରିମାଣ :** ୨୦୦ ଗ୍ରାମ (ଏକର ପ୍ରତି), **ବିହନ ବିଶୋଧନ :** ଗାଈ ପରିଶ୍ରା ଓ ଟ୍ରାଇକୋଡ଼ର୍ମାଭିରିଡ଼ି।

**ତଳିପଟାଳି :** ୧୦'X୪'X ୧' ଛାଉଣି/ଛାଦନ ନିହାତି ଦରକାର। ମଞ୍ଜି ବୁଣି ସାରିବା ପରେ ତଳି ପଟିକୁ ଛଣ ବା ନଡ଼ା ଦ୍ୱାରା ପତଳା ଭାବରେ ଘୋଡ଼ାଇ ତା ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ। ସାଧାରଣତଃ ତଳିପଟିରେ ଗଛ ବହଳିଆ ହୋଇ ଉଠିଲେ ମୂଳ ସଢ଼ା ରୋଗ ଦେଖାଯାଏ। ତଳି ବଡ଼ ହୋଇଗଲେ ଏହି ରୋଗ ପ୍ରାୟ ହୁଏ ନାହିଁ। ମଞ୍ଜି ବିଶୋଧନ କରି ତଳି ପକାଇଥିଲେ ଏହି ରୋଗ ହୋଇନଥାଏ। ଏକ ଏକର ଜମି ପାଇଁ ୨୫ ଫୁଟ ଲମ୍ବା, ୪ଫୁଟ ଚଉଡ଼ା ଓ ୬ଇଞ୍ଚ ଉଚ୍ଚତାର ୪ ଟି ପଟାଳି ତିଆରି।

**ପଟାଳି ବିଶୋଧନ :** ହଳଦୀଗୁଣ୍ଡ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ଦ୍ୱାରା।

**ପଟାଳିରେ ଖତସାର :** ଗୁଣ୍ଡଖତ, **ଲଗାଇବାର ଦୂରତ୍ୱ :** ୨ଫୁଟ * ୧ ଫୁଟ

**ମୁଖ୍ୟ କିଆରୀରେ ଖତସାର :** ୨ଟନ୍ କମ୍ପୋଷ୍ଟ, ୫୦ କେଜି ଜିଆଖତ, ୧ କେଜି ଆଜୋସ୍ପିରିଲିଅମ୍ ଓ ପି.ଏସ୍.ବି। (PSB : Plant Solubilizing Bacteria)



**ପୋକ ଘଉଡ଼ାଇବା ପଦ୍ଧତି :** (ଟ୍ରାପ୍ କ୍ରପ୍) ଗେଣ୍ଡୁଫୁଲ ପ୍ରତି ୪ଧାଡ଼ିରେ ଗୋଟିଏ ଧାଡ଼ି ସହିତ ଚାରିପାଖରେ ମଧ୍ୟ ଲଗାନ୍ତୁ। ନିୟମିତ ବ୍ୟବଧାନରେ ହାଣ୍ଡିଔଷଧ ବ୍ୟବହାର କରନ୍ତୁ। ହଳଦିଆ ଓ ନୀଳରଙ୍ଗର ଅଠା ଯନ୍ତ୍ର ମଧ୍ୟ ବ୍ୟବହାର କରାଯାଇ ପୋକ ନିୟନ୍ତ୍ରଣ କରାଯାଇପାରିବ।

**ଫସଲର ଯତ୍ନ :** ଗଛଗୁଡ଼ିକ ଧାଡ଼ି ଧାଡ଼ି କରି ଲଗାଇ ଛୋଟ କାଠି ଖୁଣ୍ଟ ପୋତି ସେଥିରେ ପ୍ଲାଷ୍ଟିକ୍ ରଶି ଟାଣି ଗଛ ଗୁଡ଼ିକ ରଶି ସହାୟତାରେ ରଖିଲେ ଫଳ ଗୁଡ଼ାକ ନଷ୍ଟ ହେବ ନାହିଁ।

# ଲଙ୍କା ଫସଲ



**ମାଟି :** ଦୋରସା ଉର୍ବର ଓ ପାଣି ଜମୁ ନଥିବା ଜାଗା,

**ଅମ୍ଳତା :** ୬.୫ରୁ ୭.୦ ଥିବା ମାଟିରେ ଅଧିକ ଅମଳ ମିଳିଥାଏ । (ପୂର୍ବରୁ ସେହି ଜମିରେ ଲଙ୍କା ଫସଲ ହୋଇନଥିବ)

**କିସମ :** ପୁଷାଜ୍ୱଳା, ସଦାବାହାର, ସୂର୍ଯ୍ୟମୁଖୀ, ସି - ୧ , ସି -

**ବିହନ ପରିମାଣ :** ୫୦୦ ଗ୍ରାମ (ଏକର ପ୍ରତି)

**ବିହନ ବିଶୋଧନ :** ବୀଜାମୃତ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ।

**ତଳିପଟାଳି :** ୧୦' * ୪' * ୧' ଛାଉଣି/ଛାଦନ ନିହାତି ଦରକାର ମଞ୍ଜି ବୁଣି ସାରିବା ପରେ ତଳି ପଟିକୁ ଛଣ ବା ନଡ଼ା ଦ୍ୱାରା ପତଳା ଭାବରେ ଘୋଡ଼ାଇ ତା ଉପରେ ଅଳ୍ପ ପାଣି ସିଞ୍ଚି ଦିଅନ୍ତୁ ।



**ପଟାଳିବିଶୋଧନ :** ହଳଦିଗୁଣ୍ଡ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ଦ୍ୱାରା ।

**ପଟାଳିରେ ଖତସାର :** ଗୁଣ୍ଡଖତ

**ଲଗାଇବା ଦୂରତ୍ୱ :** ୧.୫ଫୁଟ * ୧.୦ ଫୁଟ

**ମୁଖ୍ୟ କିଆରୀରେ ଖତସାର :** ୨ଟନ୍ କମ୍ପୋଷ୍ଟ, ୫୦ କେଜି ଜିଆଖତ, ୧ କେଜି ଆଜୋସ୍ପିରିଲିଅମ୍ ଓ ପି.ଏସ୍.ବି ।

**ପୋକ ଘଉଡ଼ାଇବା ପଦ୍ଧତି :** (ଟ୍ରାପ୍ କ୍ରପ୍) ଗେଣ୍ଡୁଫୁଲ ପ୍ରତି ୪ଧାଡ଼ିରେ ଗୋଟିଏ ଧାଡ଼ି ସହିତ ଚାରିପାଖରେ ମଧ୍ୟ ଲଗାନ୍ତୁ । ନିୟମିତ ବ୍ୟବଧାନରେ ହାଣ୍ଡିଔଷଧ ବ୍ୟବହାର କରନ୍ତୁ । ହଳଦିଆ ଓ ନୀଳରଙ୍ଗର ଅଠା ଯନ୍ତ୍ର ମଧ୍ୟ ବ୍ୟବହାର କରାଯାଇ ପୋକ ନିୟନ୍ତ୍ରଣ କରାଯାଇପାରିବ ।

**ଜଳସେଚନ :** ଲଙ୍କା (ମରିଚ) ଫସଲ ପାଇଁ ଜଳସେଚନ ଅତି ଗୁରୁତ୍ୱପୂର୍ଣ୍ଣ । ବିଶେଷ କରି ଫୁଲ ଧରିବା ସମୟରେ ମାଟି ଶୁଖିଗଲେ ଫୁଲ ଝଡ଼ିପଡ଼େ । ତେବେ ଶୀତ ଓ ଖରାଦିନେ ବିଲର ପାଗ ଦେଖି ପ୍ରତି ୧୦-୧୨ ଦିନ ଅନ୍ତରରେ ପାଣି ଦେବା ଉଚିତ୍ ।

**ଅମଳ :** ମଞ୍ଜି ଲଗାଇବାର ୯୦ ରୁ ୧୦୦ ଦିନ ପରେ କଞ୍ଚାଲଙ୍କା ଅମଳ ହୋଇଥାଏ ଏବଂ ୧୨୫ରୁ ୧୪୫ ଦିନ ମଧ୍ୟରେ ପାଚିଲା ଲଙ୍କା ଅମଳ କରାଯାଏ । କଞ୍ଚାଲଙ୍କାର ଏକର ପ୍ରତି ୨୦ ରୁ ୨୨ କ୍ୱିଣ୍ଟାଲ ଓ ଶୁଖିଲା ଲଙ୍କା ୮ ରୁ ୯ କ୍ୱିଣ୍ଟାଲ ଅମଳ ମିଳିଥାଏ ।

ଲଙ୍କା (ମରିଚ) ଗଛରେ ପାଚିଗଲେ ତୋଳିଆଣି ଶୁଖାଇବା ଉଚିତ୍ । ମେଘୁଆ ବା ବର୍ଷା ହେଉଥିବା ଦିନ ପାଚିଲା ଲଙ୍କା ତୋଳିବା ଉଚିତ୍ ନୁହେଁ । କାରଣ ଲଙ୍କା ଶୁଖାଇବାରେ ଅସୁବିଧା ହୁଏ ଓ ଲଙ୍କା ପଚିଯାଏ । ଫଳରେ ରଙ୍ଗ ମଧ୍ୟ ଭଲ ରହେ ନାହିଁ ।

# କଖାରୁ ବା ବୋଇତିଆଳୁ ଫସଲ



**ଜଳବାୟୁ :** ଉଷ୍ମ ଓ ଆର୍ଦ୍ର, **ମାଟି :** ନିଗିଡ଼ା, ଉର୍ବର, ଦୋରସା

**କିସମ :** ବୈଦ୍ୟବୁଟି, ଗୁଆମାଳ, ଅର୍କ, ସୂର୍ଯ୍ୟମୁଖୀ, ପଞ୍ଚବଟୀ, ବସୁମତି, ଅର୍କ ବଦନ

**ବିହନ ପିରମାଣ :** ୨ରୁ୩ କେଜି (ଏକର ପ୍ରତି)

**ବିହନ ବିଶୋଧନ :** ବୀଜାମୃତ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ।

**ମନ୍ଦା :** ୧'X୧'X୧'

**ଲଗାଇବା ଦୂରତ୍ୱ :** ମନ୍ଦା କୁ ମନ୍ଦା ୫.୫ ଫୁଟ * ୫.୫ ଫୁଟ

**ମନ୍ଦା ପ୍ରତି ଖତସାର :** ୧କେଜି କମ୍ପୋଷ୍ଟ, ୨୦୦ ଗ୍ରାମ ନିମ ପିଡ଼ିଆ, ୨୦୦ ଗ୍ରାମ ଜିଆଖତ

**ପୋକ ଘଉଡ଼ାଇବା ପଦ୍ଧତି :** ନିୟମିତ ବ୍ୟବଧାନରେ ହାଣ୍ଡିଔଷଧ ବ୍ୟବହାର କରନ୍ତୁ ଓ ହଳଦିଆ ଓ ନୀଳ ରଙ୍ଗର ଅଠା ଯନ୍ତ୍ର ମଧ୍ୟ ବ୍ୟବହାର କରାଯାଇ ପୋକ ନିୟନ୍ତ୍ରଣ କରାଯାଇପାରିବ ।

# ଜହ୍ନି ଫସଲ



**ମାଟି :** ନିଗିଡ଼ା ଉଚ୍ଚା ମନ୍ଦା ପ୍ରକାରେ, ଦୋରସା ସୂର୍ଯ୍ୟକିରଣ ପଡୁଥିବ ।

**କସିମ :** ଉଷା, ସପ୍ତପତ୍ରୀ, ସଦାବାହାର, ଧାରା

**ବିହନ ପରିମାଣ :** ୧କେଜି ୫୦୦ ଗ୍ରାମ (ଏକର ପ୍ରତି)

**ବିହନ ବିଶୋଧନ :** ବୀଜାମୃତ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ।

**ମନ୍ଦା :** ୧' X ୧' X ୧'

**ଲଗାଇବା ଦୂରତ୍ୱ :** ମନ୍ଦା କୁ ମନ୍ଦା ୪ଫୁଟ * ୪ ଫୁଟ

**ମନ୍ଦା ପ୍ରତି ଖତସାର :** ୧କେଜି କମ୍ପୋଷ୍ଟ, ୨୦୦ ଗ୍ରାମ ନିମ ପିଡ଼ିଆ, ୨୦୦ ଗ୍ରାମ ଜିଆଖତ

**ପୋକ ଘଉଡ଼ାଇବା ପଦ୍ଧତି :** ନିୟମିତ ବ୍ୟବଧାନରେ ହାଣ୍ଡିଔଷଧ ବ୍ୟବହାର କରନ୍ତୁ ଓ ହଳଦିଆ ଓ ନୀଳ ରଙ୍ଗର ଅଠା ଯନ୍ତ ମଧ ବ୍ୟବହାର କରାଯାଇ ପୋକ ନିୟନ୍ତ୍ରଣ କରାଯାଇପାରିବ ।

# କଲରା ଫସଲ



**ମାଟି :** ଉଚ୍ଚା ପାଣି ରହୁନଥିବା, ଜାଗା ମନ୍ଦା ପ୍ରକାରେ, ଦୋରସା ପଡୁଥିବ, ଅମ୍ଳତା

**କିସମ :** ପ୍ରୀତି, ନଖରା ସ୍ପେଶାଲ, ଏମ.ଡି.ୟୁ ,ଗ୍ରୀନ ଛୋଟ

**ବିହନ ପରିମାଣ :** ୨ କେଜି (ଏକର ପ୍ରତି)

**ବିହନ ବିଶୋଧନ :** ବୀଜାମୃତ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ।

**ମନ୍ଦା :** ୧' X ୧' X ୧'

**ଲଗାଇବା ଦୂରତ୍ୱ :** ମନ୍ଦା କୁ ମନ୍ଦା ୪ଫୁଟ * ୪ଫୁଟ

**ମନ୍ଦା ପ୍ରତି ଖତସାର :** ୧କେଜି କମ୍ପୋଷ୍ଟ, ୨୦୦ ଗ୍ରାମ ନିମ ପିଡ଼ିଆ, ୨୦୦ ଗ୍ରାମ ଜିଆଖତ

# ପୋଟଳ ଫସଲ



**ମାଟି :** ନିଗିଡ଼ା, ଝାଉଂଳାରୋଗ ନହେବା ପାଇଁ ଉଚ୍ଚାପଟି, ସୂର୍ଯ୍ୟ କିରଣ ତୀର୍ଯ୍ୟକ ଭାବରେ ପଡୁଥିବା ଓ ତାପମାତ୍ରା ୧୫ ରୁ ୨୦ ସେଣ୍ଟିଗ୍ରେଡ଼ ରହୁଥିବ, ମେଘୁଆପାଗ ପୋଟଳ ପାଇଁ ଅନୁପଯୁକ୍ତ

**କିସମ :** ସ୍ୱର୍ଣ୍ଣରେଖା, ସି.ଏ ଚରସ

**ଡଙ୍କର ପରିମାଣ :** ୨ ରୁ ୩ ଟି ଆଖିଥିବା ୩୦୦୦ ଖଣ୍ଡ (ଏକର ପ୍ରତି)

**ବିହନ ବିଶୋଧନ :** ହଳଦିଗୁଣ୍ଡ ଓ ଟ୍ରାଇକୋଡ଼ର୍ମାଭିରିଡ଼ି ।

**ମନ୍ଦା :** ୨' X ୨' X ୨', ମନ୍ଦାରେ ନିମ ପିଡ଼ିଆ ୧୦୦ ଗ୍ରାମ ହିସାବରେ ପ୍ରୟୋଗ କଲେ ଏହା ସୂତ୍ର କୃମି ରୋଗରୁ ରକ୍ଷାକରେ ।

**ଲଗାଇବା ଦୂରତ୍ୱ :** ମନ୍ଦା କୁ ମନ୍ଦା ୫.୫ ଫୁଟ * ୫.୫ ଫୁଟ

**ମନ୍ଦା ପ୍ରତି ଖତସାର :** ୧କେଜି କମ୍ପୋଷ୍ଟ, ୨୦୦ ଗ୍ରାମ ନିମ ପିଡ଼ିଆ, ୨୦୦ ଗ୍ରାମ ଜିଆଖତ

**ପୋକ ଘଉଡ଼ାଇବା ପଦ୍ଧତି :** ନିୟମିତ ବ୍ୟବଧାନରେ ହାଣ୍ଡିଔଷଧ ବ୍ୟବହାର କରନ୍ତୁ ଓ ହଳଦିଆ ଓ ନୀଳ ରଙ୍ଗର ଅଠା ଯନ୍ତ ମଧ ବ୍ୟବହାର କରାଯାଇ ପୋକ ନିୟନ୍ତ୍ରଣ କରାଯାଇପାରିବ ।

*ବୈଷୟିକ ସହାୟତା : ଶ୍ରୀଯୁକ୍ତ ସଭାପତି ଖାଡ଼ଙ୍ଗା, ପ୍ରାକୃତିକ କୃଷି ବିଶେଷଜ୍ଞ*